## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପବିତ୍ରନଗର,(ନିରୋଜ କୁମାର ପ୍ରଧାନ): କଣିହାଁ ବ୍ଲକ ଏନ୍‌ଟିପିସି ଥାନା ବିଜିଗୋଲ ଗ୍ରାମର ଅବନ୍ତୀ ସାହୁ(୪୫)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ପୋଲିସ ଜବତ କରିଛି। ପୋଲିସ କହିଛି, ରବିବାର ଅବନ୍ତୀ ଘର ଭିତରେ ଫ୍ୟାନରେ ରଶି ଲଗାଇ ଦେଇଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ସେ ଘରୁ ନ ବାହାରିବାରୁ ଦିଅର ଅନିରୁଦ୍ଧ ସାହୁ ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମହିଳାଙ୍କ ମୃତଦେହ ଜବତ କରିବା ସହିତ ସୋମବାର ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ନମ୍ବର ୪/୨୪ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଦୁର୍ନୀତିମୁକ୍ତ ହୋଇ ଲୋକଙ୍କ ପାଇଁ କାର୍ଯ୍ୟ କର



ଜିଲାସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ଜନପ୍ରତିନିଧି ଓ ଅଧିକାରୀମାନେ।

**ଜିଲାସ୍ତରୀୟ ସମୀକ୍ଷା କଲେ ପଞ୍ଚାୟତିରାଜ ମନ୍ତ୍ରୀ**

- ଆବାସ ଯୋଜନାରେ କୌଣସି ଦୁର୍ନୀତି ନ ହେବାକୁ ନିର୍ଦ୍ଦେଶ
- ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ,୧୧।୧୧ (ରତନ ନାୟାର)

ଢେଙ୍କାନାଳ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଆବାସ ପାଉଛନ୍ତି ନା ନାହିଁ ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ଆବାସ ଯୋଜନାରେ କିଭଳି ଯୋଗ୍ୟ ହିତାଧିକାରୀ ଘର ପାଇବେ ଓ ଏହି ପ୍ରକ୍ରିୟାରେ ଯେପରି କୌଣସି ଦୁର୍ନୀତି ନ ହେବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲାର ଜନସାଧାରଣ କିଭଳି ବିଶୁଦ୍ଧ ପାନୀୟ ଜଳ ପାଇବେ ତାହା ଉପରେ ଆଲୋଚନା କରିଥିଲେ। ଏହାସହ କେଉଁ କେଉଁ ସ୍ଥାନରେ ପାନୀୟ ଜଳ ଯୋଗାଣ ହେଉନାହିଁ ସେ ସମ୍ପର୍କରେ ପଚାରି ବୁଝି ଶୀଘ୍ର ସେସବୁ ସ୍ଥାନରେ କିଭଳି ଜଳ ଯୋଗାଣ କରାଯିବ ସେଥିପ୍ରତି ପ୍ରଶାସନ ତତ୍ପର ରହୁ ବୋଲି କହିଥିଲେ। ପ୍ରଶାସନ ଦୁର୍ନୀତିମୁକ୍ତ ହେବା ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ମନୋଭାବ ରଖିଛନ୍ତି। ତେଣୁ ଯଦି କେହି ବି ଦୁର୍ନୀତି କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ନାଏକ ଚେତାଇ ଦେଇଥିଲେ। ଏହି ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଉପସଭାପତି ବିଳାସିନୀ ସେଠୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଅଲେଖ ମହିମା ଧ୍ୱନିରେ କମ୍ପିଲା ପୀଠ

**ତପୋବନ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼**

ଢେଙ୍କାନାଳ,୧୧।୧୧(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର କାଦୁଆ ତପୋବନଠାରେ ବାର୍ଷିକ ତପୋବନ ମେଳା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୭ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବ୍ରହ୍ମଧୁନିରେ ଅଗ୍ନି ସଂଯୋଗ କରାଯାଇ ଘୃତାହୁତି ଦିଆଯାଇଥିଲା। ଏଥିସହ ଖାଡ଼ବତି ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମଧୁନିରେ ଘୃତ, ସେଓ, କଦଳୀ ଓ ନଡ଼ିଆ ଆଦି ଫଳ ସମର୍ପଣ କରାଯାଇଥିଲା। ଏହି ସମୟରେ ଅଲେଖ ମହିମା ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। ଖଞ୍ଜଣି ଭଜନ ମାଧ୍ୟମରେ ଅହୋରାତ୍ର ଘୃତାହୁତି ଦିଆଯାଇଥିଲା। ବାର୍ଷିକ ତପୋବନ ପତ୍ରିକାର ୩୦ତମ ସଂଖ୍ୟା ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିବା ସହ କହିଥିଲେ, ମାନବ କଲ୍ୟାଣ ହିଁ ମହିମା ଧର୍ମର ପ୍ରମୁଖ ଧର୍ମ। ତପୋବନ ପୀଠ ଏକ ଆଦର୍ଶ ପୀଠ। ମହିମା ଧର୍ମର ପ୍ରଭାବ ଏହି ମେଳାରୁ ଅନୁମେୟ। ଏହି ପୀଠକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିବ। କାର୍ଯ୍ୟକ୍ରମରେ ଯୋଗଦେଇ ଏସ୍‌ପି ଅଭିନବ ସୋନକର ତପୋବନ ପୀଠ ଏକ ଶାନ୍ତିର ପୀଠ ବୋଲି ମତବ୍ୟକ୍ତ କରିଥିଲେ। ମହିମା ଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ମହିମା ଧର୍ମର ଏହି ଆଦ୍ୟପୀଠ ଢେଙ୍କାନାଳ ଓ ସମଗ୍ର ରାଜ୍ୟ ପାଇଁ ସ୍ୱାଭିମାନର ପୀଠ ହୋଇଥିବାରୁ ଏହାର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ତଥା ପୀଠର ମୁଖ୍ୟ ଶ୍ରୀମଦ୍ ରଘୁନାଥ ବାବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜଗତ ଭକ୍ତଙ୍କ କଲ୍ୟାଣ କାମନା ପୂର୍ବକ ମହାପ୍ରଭୁ ଶୂନ୍ୟପ୍ରଭୁଙ୍କୁ ଡାକିଥିଲେ। ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ଖଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ ମେଳା ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁଣାକର ବାବା, ଜ୍ଞାନି ବାବା, ମନ୍ତ୍ରୀ ବାବା, ବିନୋଦ ବାବା, କନ୍ଦର୍ପ ବାବା, ପରମେଶ୍ୱର ବାବା, ଫକୀର ବାବା ପ୍ରମୁଖ ଅଖଣ୍ଡ ବ୍ରହ୍ମ ଧୁନିରେ ଘୃତାହୁତି କରିଥିଲେ। ଏହି ଅବସରରେ ପୀଠ ପରିସରରେ ଜିଲାପାଳ ଓ ଏସ୍‌ପି ଚାରା ରୋପଣ କରିଥିଲେ।



ତପୋବନ ପତ୍ରିକାର ୩୦ତମ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବିଦ୍ୟାଳୟରୁ ଚୋରି ଅଭିଯୋଗ

ବଇଣ୍ଡା,୧୧।୧୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳବାହାଳି ସରକାରୀ ଉ.ପ୍ରା ବିଦ୍ୟାଳୟର ତାଲା ଭାଙ୍ଗି ଚାଉଳ, ପାଣି ପମ୍ପ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରାଯାଇଥିବା ରବିବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ କହିଛି, କେହି ଦୁର୍ବୃତ୍ତ ବିଦ୍ୟାଳୟର ତାଲା ଭାଙ୍ଗି ଚାଉଳ, ପାଣିପମ୍ପ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ସକାଳୁ ଚୋରି ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସୂଚନା ଦେଇଥିଲେ। ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥାନାରେ ଅଭିଯୋଗ କରିଥିଲେ।

# ଜନଜାତୀୟ ଗୌରବ ଦିବସ ନିମନ୍ତେ ପ୍ରସ୍ତୁତି



ଜିଲାପାଳଙ୍କ ସମେତ ବୈଠକରେ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ,୧୧।୧୧ (ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜନଜାତୀୟ ଗୌରବ ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଜନଜାତୀୟ ଗୌରବ ଦିବସ ଜିଲାସ୍ତରରେ ମିନି ଷ୍ଟାଡିୟମରେ ପାଳନ କରାଯିବ। ବୈଠକ ପ୍ରାରମ୍ଭରେ ଏ ନେଇ ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ସୂଚନା ପ୍ରଦାନ କରିଥିଲେ। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଜନଜାତି ସମ୍ପ୍ରଦାୟର ସଫଳ ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରିବା ସହିତ ଜଙ୍ଗଲ ଜମି ପଟ୍ଟା, ପିଏମ୍ ଆବାସ ଗୃହର ଚାବି ପ୍ରଦାନ, ଜନଜାତିର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କୁ ଋଣ ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯିବ। ବୈଠକରେ ଯୋଗଦେଇ ଜିଲାପାଳ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଭାରପ୍ରାପ୍ତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ମା' ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ପରଜଙ୍ଗ,୧୧।୧୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ବଡ଼କମର ଗ୍ରାମରେ ନୂତନ ସ୍ୱପ୍ନେଶ୍ୱର ମନ୍ଦିର ରବିବାର ପ୍ରତିଷ୍ଠା ହୋଇଛି। ସକାଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ। ଏହାପରେ ପୂଜକମାନେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ କରିଥିଲେ। ଗ୍ରାମର ପ୍ୟାରୀମୋହନ ମାଝୀ, ରଘୁନାଥ ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ଅପରାଜିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଠାକୁରାଣୀଙ୍କ ଦର୍ଶନ କରିଥିଲେ। ନାମ ସଙ୍କୀର୍ତ୍ତନ, ହରିବୋଲ, ହୁଳହୁଳି ସହିତ ତାଳଚେର ଅଞ୍ଚଳରୁ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅପରାହ୍ନ ୨ଟାରେ ପୁରୁଣା ମନ୍ଦିରରେ ପୂଜା ପାଉଥିବା ମା' ମଙ୍ଗଳାଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ନୂତନ ମନ୍ଦିରରେ ପ୍ରବେଶ କରାଯାଇଥିଲା।

# ବୁଢେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଭୁବନ,୧୧।୧୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଢେଶ୍ୱର ଶୈବପୀଠରେ କାର୍ତ୍ତିକ ମାସ ଶେଷ ସୋମବାରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ପଞ୍ଚକର ପ୍ରଥମ ଦିନ ମନ୍ଦିର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ସ୍ନାନ କରି ପ୍ରଭୁଙ୍କ ଦର୍ଶନ କରିଥିଲେ। ପୋଲିସ ସହିତ ଅଞ୍ଚଳର ବିଭିନ୍ନ ସେବା ସଙ୍ଗଠନର କର୍ମକର୍ତ୍ତା ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏହି ଅବସରରେ ପ୍ରତ୍ୟେକ ବର୍ଷପରି ଚଳିତବର୍ଷ ମଧ୍ୟ ୪ଦିନ ଧରି ୨୪ ପ୍ରହର ନାମଯଜ୍ଞ କରାଯାଉଛି। ଏହି ନାମ ଯଜ୍ଞରେ ଅଞ୍ଚଳର ୨୦ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




କାମାକ୍ଷାନଗର,୧୧।୧୧ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାରୁଆଁ(କା) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ଜନଅଭିଯୋଗର ଶୁଣାଣି କରାଯାଇଛି। ଏହି ଶିବିରକୁ ସମୁଦାୟ ୨୪୩ ଅଭିଯୋଗ ଆସିଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲା ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ସ୍ନେହାଶିଷ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରିୟବ୍ରତ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୧୩ରେ ପେନସନ ଅଦାଲତ

ଢେଙ୍କାନାଳ,୧୧।୧୧ (ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ପେନସନ ଅଭିଯୋଗର ସମାଧାନ ନିମନ୍ତେ ଆସନ୍ତା ୧୩ ତାରିଖ ବୁଧବାର ଜିଲା ପରିଷଦ ପୁରୁଣା ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୯ଟା୩୦ରୁ ପେନସନ ଅଦାଲତ ଆରମ୍ଭ ହେବ। ଏଥିରେ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ, ଆକାଉଣ୍ଟାଣ୍ଟ ଜେନେରାଲ, ଆକାଉଣ୍ଟାଣ୍ଟ କଣ୍ଟ୍ରୋଲରର ଅଧିକାରୀମାନେ ଯୋଗଦେବେ। ଏହି ଅଦାଲତରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ନିମନ୍ତେ ଆଲୋଚନା ଓ ଏହାର ସମାଧାନ ଦିଗରେ କାର୍ଯ୍ୟ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଯେଉଁ ପେନସନ ଭୋଗୀମାନଙ୍କ ପେନସନ ସମ୍ବନ୍ଧୀୟ ଅଭିଯୋଗ ରହିଛି, ସେମାନେ ଏଠାକୁ ଆସି ନିଜର ଅଭିଯୋଗ ରଖିବେ।

# ବିଭିନ୍ନ ମେଗା ପ୍ରକଳ୍ପ ବୁଲି ଦେଖିଲେ ମନ୍ତ୍ରୀ

କାମାକ୍ଷାନଗର,୧୧।୧୧ (ସୁଧୀର ପରିଡ଼ା)



ଦିନିକିଆ ଢେଙ୍କାନାଳ ଜିଲା ଗସ୍ତରେ ଆସିଥିବା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଛନ୍ତି। କମଗରା ନିକଟରେ ହେଉଥିବା ମେଗା ପ୍ରକଳ୍ପ ଓ କଙ୍କଡାହାଡ଼ ବ୍ଲକର ଦଣ୍ଡାଧର ନିକଟରେ ହେଉଥିବା ପ୍ରକଳ୍ପ ମନ୍ତ୍ରୀ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ପ୍ରକଳ୍ପ ବୁଲି ଦେଖିବା ସହ ତୁରନ୍ତ କାର୍ଯ୍ୟ ସାରି ଜଳ ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୦ ଖେଳାଳି ଜିଲାସ୍ତରକୁ ମନୋନୀତ



ଭୁବନ,୧୧।୧୧( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକର ୪ଟି କ୍ଲଷ୍ଟରର ୧୪ ବର୍ଷରୁ କମ୍ କ୍ରିକେଟ ଖେଳାଳିମାନଙ୍କୁ ନେଇ ଜିଲାସ୍ତରୀୟ ଖେଳାଳି ଚୟନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ଅନୁଷ୍ଠିତ ଏହି ଶିବିରରେ ଭୁବନ, ଜିରାଳ, ଅନଳ ଓ ମହୁଲପାଳର ୪୮ ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ୨୦ ଖେଳାଳି ଜିଲା ପାଇଁ ମନୋନୀତ ହୋଇଥିଲେ। ପ୍ରଧାନ ଶିକ୍ଷକ ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ। ନରହରି ନାୟକ, ପ୍ରକାଶ କୁମାର ମଲ୍ଲିକ ଓ ସନ୍ତୋଷ କୁମାର ସେଠୀ ଶିବିର ପରିଚାଳନା କରିବା ସହିତ ଶ୍ରେଷ୍ଠ ଖେଳାଳି ଚୟନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନା କରିଥିବା ବେଳେ ଭୁବନ ବ୍ଲକ ସମ୍ପାଦକ ସାଗର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପରଜଙ୍ଗ ଗସ୍ତ

ପରଜଙ୍ଗ,୧୧।୧୧(ନିଗମାନନ୍ଦ ଦଳବେହେରା)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ସୋମବାର ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ଗ୍ରାମ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ କଙ୍କଡ଼ାସୋଡ଼ା ଗ୍ରାମରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଖବରପାଇ ପରଜଙ୍ଗ ବ୍ଲକ ପ୍ରଶାସନର ଅଧିକାରୀମାନେ କଙ୍କଡ଼ାସୋଡା ଠାରେ ପହଞ୍ଚି ମନ୍ତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ପଣ୍ଡା, ସାମାଜିକ କର୍ମୀ ପ୍ରଶାନ୍ତ ଦଳବେହେରା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। କଙ୍କଡ଼ାସୋଡ଼ା ପଞ୍ଚାୟତ ଅଫିସ ଠାରୁ ମନ୍ତ୍ରୀଙ୍କୁ ପାଛୋଟି ନିଆଯାଇ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା। ଏହି ସ୍କୁଲଟି ବ୍ଲକର ପ୍ରଥମ ସରକାରୀ ହାଇସ୍କୁଲ ହୋଇଥିବା ହେତୁ କିପରି ଏହାର ଉନ୍ନତି ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀଙ୍କୁ ଗ୍ରାମବାସୀ ଅନୁରୋଧ କରିଥିଲେ।

# ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉର ଦୃଢ଼ ପ୍ରତିବାଦ

ଢେଙ୍କାନାଳ,୧୧।୧୧ (ରତନ ନାୟାର)




ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ଜିଲା ଜୁଏଲେରୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ବ୍ୟବସାୟୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ, ଅଫିସରରାଜ, ଭୟ ଓ ଆତଙ୍କ ଖେଳାଇ ଜୋର୍ ଜବରଦସ୍ତ ଟିକସ ଆଦାୟ ପ୍ରକ୍ରିୟାକୁ ଦୃଢ଼ ବିରୋଧ କରିଛି ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ଜିଲା ଜୁଏଲେରୀ ସଂଘ। ସଂଘ ପକ୍ଷରୁ ସୋମବାର ଶତାଧିକ ବ୍ୟବସାୟୀ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖି ଢେଙ୍କାନାଳ ବାଣିଜ୍ୟ ଭବନ ଠାରୁ ଶୋଭାଯାତ୍ରାରେ ବାହାରି ମହିଷାପାଟସ୍ଥିତ ବାଣିଜ୍ୟ କର ବିଭାଗ ଉପ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦୃଢ ପ୍ରତିବାଦ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଢେଙ୍କାନାଳ ବାଣିଜ୍ୟ କର ଉପ ଆୟୁକ୍ତ ହରପ୍ରିୟା ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଉପଆୟୁକ୍ତ ମହାପାତ୍ର ଆସନ୍ତା ଦିନରେ ଉଚିତ୍ ପଦକ୍ଷେପ ନେବା ସହିତ ବ୍ୟବସାୟୀ ବନ୍ଧୁମାନଙ୍କ ସହଯୋଗ କାମନା କରିଥିଲେ।

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ଜିଲା ଜୁଏଲେରୀ ସଂଘ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି, ବ୍ୟବସାୟୀମାନେ ସ୍ୱଚ୍ଛ, ସାଧୁତା ଓ ଦକ୍ଷ ଉପାୟରେ ବ୍ୟବସାୟ ପ୍ରତିଷ୍ଠାନରେ ଦୈନିକ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରିଶ୍ରମ କରିବା ସହ ଗ୍ରାହକଙ୍କ ଠାରୁ ଟ୍ୟାକ୍ସ ସଂଗ୍ରହ କରି ସରକାରଙ୍କୁ ପଇଠ କରୁଛନ୍ତି। ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ, ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। କିନ୍ତୁ ସରକାରଙ୍କ ଜଟିଳ ଟ୍ୟାକ୍ସ ବ୍ୟବସ୍ଥା, ଜରିମାନା ଆଦାୟ ବିଶେଷକରି ବ୍ୟବସାୟ ପ୍ରତିଷ୍ଠାନ ଉପରେ ସଶସ୍ତ୍ର ପୋଲିସ ସହ ଚଢ଼ାଉ ଦ୍ୱାରା ବ୍ୟବସାୟୀ ଭୟ, ଆତ୍ମଗ୍ଲାନି ଓ ଅନୁଶୋଚନା ଭିତରେ ରହୁଛନ୍ତି। ମୃତ୍ୟୁମୁଖରେ ମଧ ପଡୁଛନ୍ତି। ତେଣୁ ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ଏହି ଶୋଭାଯାତ୍ରା ପୂର୍ବରୁ ବାଣିଜ୍ୟ ଭବନ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେଶ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗତ ଧନତେରସ୍ ଦିନ ଜିଏସ୍‌ଟି ଅଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟକଳାପ ଯୋଗୁ କୋରାପୁଟ ଜିଲା ଜୟପୁର ସହରର ଯୁବ ସୁନା ବ୍ୟବସାୟୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାରୁ ଏଥିପାଇଁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଦାସ, ବିମଳ ପୋଦ୍ଦାର, ଉପସଭାପତି ରାଜକିଶୋର ବେହେରା, ମହେଶ ପ୍ରସାଦ ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ଦେବତା, ସତ୍ୟ ପାତ୍ର, ଜିଲା ଜୁଏଲର୍ସ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ରାଜେଶ ସୋନି, ସମ୍ପାଦକ ଲୋକନାଥ ମହାପାତ୍ର, ମନୋଜ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା,(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକ ହଣ୍ଡପା ପୋଲିସ ରବିବାର ନାକିଚି ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଛି। ଏହି ସମୟରେ କଣ୍ଡାଳ ଗ୍ରାମର ମହେଶ୍ୱର ମିର୍ଦ୍ଧାଙ୍କୁ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଗିରଫ କରିବା ସହ ତାଙ୍କ ବାଇକ୍‌କୁ ଜବତ କରିଛି। ପୋଲିସ ନମ୍ବର ୩୮୭/୨୪ରେ ଏକ ମାମଲା ରୁଜୁ କରିଛି। ମହେଶ୍ୱର ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାବେଳେ ତାଙ୍କୁ ଯାଞ୍ଚ କରି ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଜିଲାସ୍ତରୀୟ ଜନଶୁଣାଣିରେ ୧୨୧ ଅଭିଯୋଗ



ଜିଲାସ୍ତରୀୟ ଜନଶୁଣାଣିରେ ଜିଲାପାଳ, ଏସ୍‌ପିଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ,୧୧।୧୧ (ମାନସ ବିଶ୍ୱାଳ)/ ବଅଁରପାଳ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏଥିରେ ଅଧକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଏହି ଶିବିରରେ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର ଓ ଶୁଭେନ୍ଦୁ ଜେନା, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ବେଉରିଆ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ଚୋରା ମଦ ଧରିବାକୁ ଯାଇ ମାଡ଼ ଖାଇଲେ କର୍ମଚାରୀ

**ପରଜଙ୍ଗ,୧୧।୧୧(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ଅବକାରୀ ବିଭାଗର ୨ କନଷ୍ଟେବଲ ସାଦା ପୋଷାକରେ ଚୋରା ମଦ ବ୍ୟବସାୟୀଙ୍କୁ ଧରିବାକୁ ଯାଇ ସୋମବାର ମାଡ଼ ଖାଇଥିବା ପରଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପରଜଙ୍ଗ ଷ୍ଟେଶନ ଠାରୁ ଅଳ୍ପ ଦୂରରେ ଜଣେ ବ୍ୟକ୍ତି ଚୋରା ଦେଶୀ ମଦ ବିକ୍ରି କରୁଥିବା ଜାଣି କର୍ମଚାରୀ ଦ୍ୱୟ ସେଠାକୁ ସାଦା ପୋଷାକରେ ଯାଇଥିଲେ। ସେମାନେ ମଦ ମାଗିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରି ମାଡ଼ ମାରିଥିଲେ। ଫଳରେ ମଦ ବିକ୍ରେତାଙ୍କ କେତେଜଣ ସହଯୋଗୀ ଅବକାରୀ କନଷ୍ଟେବଲଙ୍କୁ ଚିହ୍ନି ନ ପାରି ମାଡ଼ ମାରିଥିଲେ। ଏ ନେଇ କର୍ମଚାରୀ ଦ୍ୱୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ପରେ ଅବକାରୀ ଅଧିକାରୀ ବାସନ୍ତୀ ବାକ୍ସି ଥାନାରେ ଅଭିଯୋଗ କରିଥିଲେ। ପରଜଙ୍ଗ ଥାନା ଏଏସ୍‌ଆଇ ସୁରେଶ ଚନ୍ଦ୍ର ଧଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଅବକାରୀ ଅଧିକାରୀ ବାସନ୍ତୀ କହିଛନ୍ତି, କର୍ମଚାରୀ ଦ୍ୱୟ ଯାଇ ମଦ ମାଗିଥିଲେ। କିନ୍ତୁ ଗଣ୍ଡଗୋଳ କାହିଁକି କଲେ ବୋଲି ଓଲଟି ପ୍ରଶ୍ନ କରିଥିଲେ।

## ଗୋପୀନାଥ ମନ୍ଦିରର ରତ୍ନମୁଦ ଉତ୍ସବ



**ଛେଣ୍ଡିପଦା,୧୧।୧୧(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଗୋପୀନାଥ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୮ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିବାବେଳେ ବିଭିନ୍ନ ଅଞ୍ଚଳରୁ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ଶତାଧିକ ମହିଳା କଳସଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ଉମେଶ ଚନ୍ଦ୍ର ଦାଶ ଓ ସହଯୋଗୀଙ୍କ ଦ୍ୱାରା ଯଜ୍ଞ ଓ ରତ୍ନମୁଦ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତାଭାବେ କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ରତ୍ନମୁଦ ନିମନ୍ତେ ସୁନା, ରୁପା, ଧାନ ଓ ଟଙ୍କା ଆଦି ଦାନ କରିଥିଲେ। ମୁଖ୍ୟ ପଣ୍ଡିତ ଓ ଗ୍ରାମ ସଭାପତି ପୁରୀ ଜଗନ୍ନାଥ ମନ୍ଦିରରୁ ଆସିଥିବା ଆଜ୍ଞାମାଳ ଲଗାଇ ରତ୍ନମୁଦ କାର୍ଯ୍ୟ ସମାପନ କରିଥିଲେ। ଜିନ୍ଦଲ କମ୍ପାନୀ ପକ୍ଷରୁ ପାନୀୟ ଜଳ ଟ୍ୟାଙ୍କର ସହ ବୋଲବମ କମିଟିର ସଭ୍ୟମାନଙ୍କ ଦ୍ୱାରା ଭକ୍ତମାନଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ରାମନବମୀ କମିଟି ସଭାପତି ନିର୍ମଳ ସାହୁଙ୍କ ନେତୃତ୍ୱରେ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପମ୍ପ ଅପରେଟରଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ପବିତ୍ରନଗର,୧୧।୧୧(ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ କୁଲେଇ ପଞ୍ଚାୟତ ତୁମୁଗୋଳା ଗ୍ରାମବାସୀ ସପ୍ତାହେ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଏ ନେଇ ସେମାନେ ପମ୍ପ ଅପରେଟରଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ପମ୍ପ ଅପରେଟର ମନଇଚ୍ଛା ପମ୍ପ ଚଳାଇ ପାଣି ଦେଉଛନ୍ତି। ଫଳରେ ଗ୍ରାମବାସୀ ଠିକ୍ ଭାବେ ପାନୀୟ ଜଳ ପାଇପାରୁନାହାନ୍ତି। ଏଥିସହ ପମ୍ପ ଅପରେଟର ନିଜ ଗୋଶାଳା ଓ ବାଡି ବଗିଚାରେ ପିଇବା ପାଣି ବ୍ୟବହାର କରୁଥିବା ବେଳେ ହିତାଧିକାରୀଙ୍କୁ ପାଣି ଦେଉନାହାନ୍ତି। ଏହାର ତଦନ୍ତ କରି ପମ୍ପ ଅପରେଟରଙ୍କୁ ବହିଷ୍କାର କରି ନୂତନ ଅପରେଟର ନିଯୁକ୍ତି ଦେଇ ପାନୀୟ ଜଳ ଯୋଗାଣ କରିବାକୁ ଗ୍ରାମର ଭାରତୀ ବେହେରା, ସାରଦା ଭୁକ୍ତା, ହୀରା ସାମଲ, କାମିନୀ ଦେବତା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବଦତ୍ତ ପ୍ରଧାନ କହିଛନ୍ତି, ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକରେ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

## ଧାନ ବୋଝେଇ ୨ ଟ୍ରକ୍ ଜବତ

**ଆଠମଲ୍ଲିକ,୧୧।୧୧ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ମାଧପୁର-କମ୍ପଲା ରାସ୍ତାରୁ ୨ଟି ଧାନ ବୋଝେଇ ଟ୍ରକ୍‌କୁ ଯୋଗାଣ ବିଭାଗ ଅଧିକାରୀମାନେ ଜବତ କରିଛନ୍ତି। ଉକ୍ତ ଟ୍ରକ୍ ୨ଟିକୁ ଅଟକାଇ ଅଧିକାରୀମାନେ ଧାନ ସମ୍ବନ୍ଧୀୟ କାଗଜପତ୍ର ମାଗିଥିଲେ। କିନ୍ତୁ ଟ୍ରକ୍ ଚାଳକ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଏଥିସହିତ ସନ୍ତୋଷଜନକ ଉତ୍ତର ମଧ ଦେଇପାରି ନ ଥିଲେ। ଫଳରେ ଯୋଗାଣ ଅଧିକାରୀମାନେ ଗାଡ଼ି ଜବତ କରିବା ସହିତ ମାମଲା ବିଚାର ପର୍ଯ୍ୟନ୍ତ ଏହା ପ୍ରଶାସନ ନିକଟରେ ରହିବ ବୋଲି କହିଥିଲେ। ଉକ୍ତ ଟ୍ରକ୍ ୨ଟିରେ ୭୩୬ ବସ୍ତାରେ ୨୭୨ କୁଇଣ୍ଟାଲ ୪୦ କେଜି ଧାନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଚଢ଼ାଉବେଳେ ଯୋଗାଣ ନିରୀକ୍ଷକ ରୁଷଭଚନ୍ଦ୍ର ନାଏକ, ସହକାରୀ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ସହକାରୀ ଜିଲା ଯୋଗାଣ ଅଧିକାରୀ ସୁଧାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଶ୍ରେଣୀଗୃହ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ବଇଣ୍ଡା, ୧୧।୧୧ (ପରିକ୍ଷିତ ସାହୁ)**




ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ଶରଧାମୁଣ୍ଡାଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଓ ଶିକ୍ଷା କମିଟି ପକ୍ଷରୁ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଶରଧାମୁଣ୍ଡା ଗ୍ରାମରେ ଥିବା ବିଦ୍ୟାଳୟ ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ପରେ ଉକ୍ତ ବିଦ୍ୟାଳୟ ନୂତନ ଭାବରେ ନିର୍ମାଣ ହୋଇଥିଲା। ଏଥିପାଇଁ ଦେଢ଼ କୋଟି ଟଙ୍କା କ୍ଷତିପୂରଣ ମିଳିଥିବା ବେଳେ ଜାତୀୟ ରାଜପଥ ବିଭାଗ କାମ କରୁଥିବା ଠିକାସଂସ୍ଥା ୨୦୧୯ରେ ବିଦ୍ୟାଳୟର ନୂତନ ୬ଟି ଶ୍ରେଣୀଗୃହ ସହ ଅଫିସ ଗୃହ ନିର୍ମାଣ କରିଥିଲା। ସେତେବେଳେ ନିମ୍ନମାନର କାମ ସମ୍ପର୍କରେ ଅନେକଥର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳି ନ ଥିଲା। ଠିକା ସଂସ୍ଥା ନଭେମ୍ବର ୨୦୨୩ରେ ବିଦ୍ୟାଳୟକୁ ନୂତନ ଶ୍ରେଣୀଗୃହ ହସ୍ତାନ୍ତର କରିଥିଲା। ତେବେ ଚଳିତବର୍ଷ ବର୍ଷା ସମୟରେ ସମସ୍ତ ଶ୍ରେଣୀଗୃହ ସହ ଅଫିସ ଗୃହ ଛାତରୁ ପାଣି ଗଳିବା ଦେଖା ଯାଇଥିଲା। କାନ୍ଥ ଗୁଡିକରୁ ପାଣି ଝରିବା ସହ ଚଟାଣ ଓଦା ହୋଇଯାଇଥିଲା। ଅତି ନିମ୍ନମାନର କାମ ସମ୍ପର୍କରେ ଗ୍ରାମବାସୀ ୧୨ ମାର୍ଚ୍ଚ ୨୦୨୩ରେ ଅନୁଗୋଳ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, କିଶୋରନଗର ବିଡିଓ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଜଣାଇଥିଲେ। ହେଲେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ନ ଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷା ଦିନେ କିଭଳି ପାଠପଢ଼ା ହେବ ସେ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇପଡିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ଶିକ୍ଷା କମିଟି ସଭାପତି ମନୋରଞ୍ଜନ ପ୍ରଧାନ, ପ୍ରତାପ ପ୍ରଧାନ, ତୋପଇ ସାହୁ, ନରେଶ କାନ୍ଧିଆ, ସମିତି ସଭ୍ୟ ମାନସୀ ପ୍ରଧାନ, ସୁଶାନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କିଶୋରନଗର ବିଇଓ ଅରୁଣ କୁମାର ସେଠୀ କହିଛନ୍ତି, ଉକ୍ତ ବିଦ୍ୟାଳୟ ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ।

## ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ

**ବଅଁରପାଳ,୧୧।୧୧(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ଥିବା ବିଭିନ୍ନ ମାର୍କେଟରେ ସୋମବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ହରପ୍ରିୟା ବେହେରା, କର୍ମଚାରୀ ନୀଳାମ୍ବର ପ୍ରଧାନ ଓ ବଅଁରପାଳ ପୋଲିସ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା। ଏହି ସମୟରେ ବଅଁରପାଳ ହାଟ, ତାମଡା ମାର୍କେଟ, ନାଲ୍‌କୋ ଛକରେ ଥିବା କେତେକ ହୋଟେଲ, ଜଳଖିଆ ଦୋକାନ, ପାନ ଦୋକାନ ଓ ରାଶନ ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇ ୮୦୦୦ ଟଙ୍କା ଜରିମାନା କରାଯିବା ସହ ନିଷେଧ ଗୁଟଖା ସମାଗ୍ରୀ ଜବତ କରାଯାଇଥିଲା।



## ବୈଦ୍ୟଜ୍ୟୋତି ବଳରାମ ପ୍ରସାଦ ସିଂହଦେଓ ସମ୍ବର୍ଦ୍ଧିତ

**ତାଳଚେର,୧୧।୧୧(ମନୋଜ ନନ୍ଦ)**

ଜାତୀୟ ଆୟୁର୍ବେଦ ଦିବସ ଅବସରରେ ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ ଭୁବନେଶ୍ୱର ଓ ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମିଳନୀ ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଘଣ୍ଟପଡ଼ା ଗ୍ରାମର ବୈଦ୍ୟଜ୍ୟୋତି ବଳରାମ ପ୍ରସାଦ ସିଂହଦେଓଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଯୋଗଦେଇ ବୈଦ୍ୟଜ୍ୟୋତି ସିଂହଦେଓଙ୍କୁ ସମ୍ମାନିତ କରିବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରାଜ୍ୟ ସଭାପତି ଡାକ୍ତର ଧନେଶ୍ୱର ବଳିୟାର ସିଂହ, ରାଜ୍ୟ ସମ୍ପାଦକ ଡାକ୍ତର ଶରତ କୁମାର ରାଉତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୈଦ୍ୟଜ୍ୟୋତି ସିଂହଦେଓ ଭାରତୀୟ ଚେରମୂଳି ଚିକିତ୍ସା ତଥା ପାରମ୍ପରିକ ଚିକିତ୍ସା ଶୈଳୀ ଆପଣାଇବା ସହ ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘର ରାଜ୍ୟ ସମ୍ପାଦକ ଭାବେ ପରିବେଶ ସନ୍ତୁଳନ, ଔଷଧୀୟ ବୃକ୍ଷଚାଷ, ଗବେଷଣା ତଥା କର୍ମ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସିଂହଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।




## ରାସ୍ତାପାର୍ଶ୍ୱ ସଫେଇକଲେ ଗ୍ରାମବାସୀ

**ବଇଣ୍ଡା, ୧୧।୧୧(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡା ଠାରୁ ବିପ୍ରଡିହ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱକୁ ମୁରାରିପୁର ଗ୍ରାମବାସୀ ଶନିବାର ସଫା କରିଛନ୍ତି। ଉଭୟ ପାର୍ଶ୍ୱରେ ଥିବା ଲଟାବୁଦା ରାସ୍ତାକୁ ବାହାରି ଆସିଥିବାବେଳେ ବିଭାଗ ପକ୍ଷରୁ ସଫା କରାଯାଉ ନ ଥିବାରୁ ଅଞ୍ଚଳବାସୀ କାଟି ସଫା କରିଛନ୍ତି। ଏହି ଲଟାବୁଦା ସଫା କରାଯାଉ ନ ଥିବା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିବା ଯୋଗୁ ଅଞ୍ଚଳବାସୀ ଏକାଠି ହୋଇ ଏହି ସଫେଇ କାର୍ଯ୍ୟ କରିଥିଲେ। ଗ୍ରାମର ନରତ୍ତୋମ ବେହେରା, କୁଳେଶ ସାହୁ, ପ୍ରମୋଦ କୁମାର ବେହେରା, ପ୍ରସନ୍ନ ପ୍ରଧାନ, ସାଗର ଦେହୁରୀ, ତରୁଲତା ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।



## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୮୦ ପ୍ରକଳ୍ପ



ପୋଡ଼ପଡା ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳାର ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ବୁଲି ଦେଖୁଛନ୍ତି।

**ଛେଣ୍ଡିପଦା,୧୧।୧୧(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୋଡ଼ପଡା ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ତ୍ରିବିକ୍ରମ କୁମରା, ମୁଖ୍ୟବକ୍ତା ଭାବେ ତହସିଲଦାର ମାନସ ରାଏ, ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳର ପ୍ରାକ୍ତନ ପ୍ରଫେସର ରମାକାନ୍ତ ଗଡ଼ନାୟକ, ଏବଂ ବାପୁଜୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ପରେ ଅତିଥିମାନେ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଏହି ଅବସରରେ ୧୮୦ ଟି ପ୍ରକଳ୍ପ ମେଳାରେ ସାମିଲ ହୋଇଥିଲା। ପରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ, ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରାଙ୍କ ପ୍ରକଳ୍ପ, ଛାତ୍ରୀ ସ୍ମୃତିରଞ୍ଜନ ବାରିକଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ, ଛାତ୍ରୀ ପ୍ରୀତିମଞ୍ଜରୀ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ, ଛାତ୍ର ଯୋଗେଶ୍ୱର ବେହେରାଙ୍କ ଦ୍ୱରା ପ୍ରସ୍ତୁତ ପ୍ରକଳ୍ପ, ଛାତ୍ର ଦୀନେଶ ପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଓ ସାୟନ ପ୍ରଧାନଙ୍କ ଦ୍ୱରା ପ୍ରସ୍ତୁତ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା।

# ପ୍ରଦୂଷଣ ସମସ୍ୟା ନେଇ ତୀବ୍ର ଅସନ୍ତୋଷ

### ଆନ୍ଦୋଳନ ପାଇଁ ବୁଦ୍ଧିଜୀବୀଙ୍କ ବୈଠକରେ ପ୍ରସ୍ତାବ ଗୃହୀତ

**ଡେରଙ୍ଗ/ ପବିତ୍ରନଗର,୧୧।୧୧(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳରେ ପ୍ରଦୂଷଣ ସମସ୍ୟାକୁ ନେଇ ଜନଅସନ୍ତୋଷ ବଢୁଥିବା ବେଳେ ସୋମବାର ପ୍ରଜାମଣ୍ଡଳ ଭବନ ପରିସରରେ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆବାହକ ଜଗଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୂଷଣ ଯୋଗୁ ଜୀବନଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରାଯାଇଥିଲା। ଅଞ୍ଚଳବାସୀଙ୍କ ଅଧିକାରକୁ ସୁରକ୍ଷା ଦେବା ସହ ପ୍ରଦୂଷଣରୁ ପରିବେଶକୁ ରକ୍ଷା କରିବା ପାଇଁ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ଉଠିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀମାନେ କହିଥିଲେ, କଣିହାଁ-ଅନୁଗୋଳ ଅଞ୍ଚଳରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହ ଘରୋଇ ଶିଳ୍ପ ଗଢ଼ିଉଠିଛି। କିନ୍ତୁ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ କଣିହାଁ ଅଞ୍ଚଳ ପ୍ରଦୂଷଣର ବିଷ ବଳୟରେ ରହିଛି। ଫଳରେ ଏହାର ଶିକାର ହୋଇ ଲୋକଙ୍କୁ ଜିଲା ବାହାରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି। ଦୂଷିତ ପାଣି ଯୋଗୁ ଲୋକେ ନାନା ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶିଳ୍ପ ଓ କୋଇଲା ଖଣି ଅଞ୍ଚଳରୁ କଣିହାଁ ଅଞ୍ଚଳ ଦେଇ ଦୈନିକ ଶତାଧିକ ଟ୍ରକ୍ ଦ୍ୱାରା କୋଇଲା ଓ ପାଉଁଶ ପରିବହନ ଯୋଗୁ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଦୁର୍ଘଟଣା ବଢ଼ି ଚାଲିଛି। ନଦୀ ଜଳ ବ୍ୟବହାର କରି ଶିଳ୍ପସଂସ୍ଥାଗୁଡ଼ିକ ଏହାକୁ ପ୍ରଦୂଷିତ କରୁଥିବାବେଳେ ଭୂତଳ ଜଳକୁ ମଧ ବ୍ୟବହାର କରି ଚାଲିଛନ୍ତି। ପରିବେଶ ପ୍ରଦୂଷଣ ବଢୁଥିବାରୁ ଅଞ୍ଚଳବାସୀ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଡାକ୍ତରଖାନାରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ। ଲୋକଙ୍କୁ କଳକାରଖାନାରେ କାମ ମଧ ମିଳୁ ନ ଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଥିଲେ। ଏହା ବିରୋଧରେ ବିରାଟ ଜନ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ମାନସ ପାଳ, ପୂର୍ବତନ ସରପଞ୍ଚ ମାନସୀ ସ୍ୱାଇଁ, ସୁଧାକର ପ୍ରଧାନ, ଶ୍ରମିକନେତା ପ୍ରହ୍ଲାଦ ଚନ୍ଦ୍ର ସାହୁ, ଦେବଦତ୍ତ ପ୍ରସାଦ ପ୍ରଧାନ, ଜୟସେନ ମେହେର, ପୂର୍ବତନ ସରପଞ୍ଚ କୁଶଧଳ ସାମଲ, ଶିବରାମ ଦାଶ, ପ୍ରଗତିବାଳା ନାୟକ, ସନାତନ ସାହୁ, ଶରତ କୁମାର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

